Dt. 06.07.2024
321

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

ସଂଖ୍ୟା RDM-LAC-SBP-0007-2022- 21459 /R&DM,ତା- 05 JUL 2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସମ୍ବଲପୁର ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପୌରପାଳିକାର ୦୨ ଗୋଟି ଗ୍ରାମର ର ୦.୦୭୩ ଏକର ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ସମ୍ବଲପୁର ଟାଉନରେ ଜଳଯୋଗାଣ ଓ ପରିମଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରକଳ୍ପ ଜନ୍ତ୍ରୀ, ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦ, OWSSB, ସମ୍ବଲପୁରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି, ସମ୍ବଲପୁର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ସମ୍ବଲପୁର ଟାଉନରେ ଜଳଯୋଗାଣ ଓ ପରିମଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୨ ଟି ଗ୍ରାମର ଏକର ୦.୦୭୩ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

୨. ଏହି ପ୍ରକଳ୍ପ ପାଇଁ ୦୨ ଟି ଗ୍ରାମ ରେ ଏକର ୦.୦୭୩ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, ସମ୍ବଲପୁର ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ଆଂଶିକ ପରିବାର କ୍ଷ୍ୟତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷ୍ୟତିପୂରଣ କରାଯିବ ।

୪. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ।

୫. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ। ଏହି ପ୍ରକଳ୍ପ ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ କରାଯାଇ ଅଛି। ଜିଲ୍ଲାପାଳ ସମ୍ବଲପୁର ଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 226/24.06.2024 ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ କାର୍ଯ୍ୟ ନିର୍ବାହୀ ପ୍ରକଳ୍ପ ଜନ୍ତ୍ରୀ, ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦ, OWSSB, ସମ୍ବଲପୁର କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

କ୍ରମଶଃ

Scanned by CamScanner

ଓଡିଶାଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

**ତଫସିଲ- କ**

(ପ୍ରସ୍ତାବିତଭୂମିଅଧିଗ୍ରହଣଅନୁସୂଚୀ)

ଜିଲ୍ଲା: - ସମ୍ବଲପୁର    ତହସିଲ: - ସମ୍ବଲପୁର

| ଗ୍ରାମରନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ରମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ସମ୍ବଲପୁର ଟାଉନ ୟୁନଂ-୫ (ଶାକ୍ଷିଗୋପିନାଥ) | **ସହରାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୦୩୬୦ | ଏଥିସହିତ ସଂଲଗ୍ନ |
| ସମ୍ବଲପୁର ଟାଉନ ୟୁନଂ-୧୫ (ଅଇଁଠାପାଲି) | **ସହରାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୦୩୭୦ | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର **୦.୦୭୩୦** ଡି.

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Scanned by CamScanner

Memo No. 21460 Dated 05 JUL 2024

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

5/7/24

Deputy Secretary to Government

Memo No. 21461 Dated 05 JUL 2024

Copy forwarded to Housing & Urban Development Department for information and necessary action.

5/7/24

Deputy Secretary to Government

Memo No. 21462 Date 05 JUL 2024

Copy forwarded to RDC (N.D), Sambalpur/ Collector, Sambalpur/ L.A.O, Sambalpur for information and necessary action.

5/7/24

Deputy Secretary to Government

Memo No. 21463 Dated 05 JUL 2024

Copy forwarded to State Coordinator, Nabakrushna Choudhury Centre for Development Studies, Bhubaneswar for information and necessary action..

5/7/24

Deputy Secretary to Government

Memo No. 21464 Dated 05 JUL 2024

Copy forwarded to the e-governance Cell, R&DM Department for information and necessary action.

5/7/24

Deputy Secretary to Government

Scanned by CamScanner

# ଭୂମି ଅନୁସୁଚୀ

ମୌଜା- ସମ୍ବଲପୁର ଟାଉନ ୟୁନିଟ- ୦୫ ସାକ୍ଷୀଗୋପିନାଥ

ତହସିଲ- ସମ୍ବଲପୁର

ଜିଲ୍ଲା – ସମ୍ବଲପୁର

| କ୍ରମିକ ନମ୍ବର | ପ୍ରଜାର ନାମ | ଖତିଆନ ନମ୍ବର | ପ୍ଲଟ୍ ନମ୍ବର | ଜମିର କିସମ | ମୋଟ ରକବା ଏକରରେ | ପ୍ରସ୍ତାବିତ ଭୂ-ଅର୍ଜନ ରକବା ଏକରରେ |
|---|---|---|---|---|---|---|
| ୧ | ସମାରୀ ଖଡିଆ ପି-ଶୁକ୍ର ଖଡିଆ ଜା- ଖଡିଆ ବା-ନିଜଗାଁ ଭଗବାନ ଖଡିଆ,ରାମଦାସ ଖଡିଆ ପି-ସାନକା ଖଡିଆ, କଇତା ଖଡିଆ, ସ୍ୱା- ସାନକା ଖଡିଆ, ଫିକୁ ଖଡିଆ, କାଞ୍ଚନା ଖଡିଆ,ପି- ବୈଜା ଖଡିଆ,ପାନ ଖଡିଆ, ସ୍ୱା- ବୈଜା ଖଡିଆ,ସୁକୁମୁନି ଖଡିଆ,ସଂଜିତ ଖଡିଆ,ପି-ରଘୁ ଖଡିଆ, ଜା- ଖଡିଆ ବା-ନିଜଗାଁ ପତା-କେରେଟୋଲା | ୫୫୯ | ୭୪୧ ରୁ | ବାହାଲ ପାଣି ଏକ ଦୋଫସଲି | ୦.୦୭୩ | ୦.୦୩୬ |
| | ମୋଟ | ୧ ଖାତା | ୧ ପ୍ଲଟ | | ୦.୦୭୩ | ୦.୦୩୬ |

Counter signed

General Manager
WATCO Project Division
Sambalpur

Land Acquisition Officer
Sambalpur

Scanned by CamScanner

# ଭୂମି ଅନୁସୂଚୀ

**ମୌଜା- ସମ୍ବଲପୁର ଟାଉନ ୟୁନିଟ- ୧୫ ଅଗଁଠାପାଲି**

**ତହସିଲ- ସମ୍ବଲପୁର**

**ଜିଲ୍ଲା – ସମ୍ବଲପୁର**

| କ୍ରମିକ ନମ୍ବର | ପ୍ରଜାର ନାମ | ଖତିଆନ ନମ୍ବର | ପ୍ଲଟ୍ ନମ୍ବର | ଜମିର କିସମ | ମୋଟ ରକବା ଏକରରେ | ପ୍ରସ୍ତାବିତ ଭୂ-ଅର୍ଜନ ରକବା ଏକରରେ |
|---|---|---|---|---|---|---|
| ୧ | ସଂଯୁକ୍ତା ଆଚାର୍ଯ୍ୟ<br>ସ୍ୱା- ମୋହନଚନ୍ଦ୍ର ଆଚାର୍ଯ୍ୟ<br>ଜା- ବ୍ରାହ୍ମଣ ବା-ମନ୍ଦିର ପଡା<br>ବେଲପାହାଡ | ୫୫୯/<br>୧୨୫୮ | ୧୭୬୪/୫୯୭୯<br>ରୁ | ଘରବାରି | ୦.୧୮୦ | ୦.୦୩୭ |
| | ମୋଟ | ୧ ଖାତା | ୧ ପ୍ଲଟ | | ୦.୧୮୦ | ୦.୦୩୭ |

Counter Signed

Land Acquisition Office
Sambalpur

General Manager
WATCO Project Division
Sambalpur

Scanned by CamScanner

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ଵତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ

*******************************************************************************

**(ସମ୍ବଲପୁର ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୫ ସାକ୍ଷିଗୋପିନାଥ ଓ ସମ୍ବଲପୁର ଟାଉନ ୟୁନିଟ ନମ୍ବର ୧୫ ଅଇଁଠାପାଲି ମୌଜାରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କରେ)**

**ବୈଧାନିକ ବ୍ୟବସ୍ଥା:-**

ସମ୍ବଲପୁର ଜିଲ୍ଲାର **ସଦର** ତହସିଲ ଅନ୍ତର୍ଗତ **ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୫ ସାକ୍ଷିଗୋପିନାଥ** ମୌଜାରେ ମୋଟ ପ୍ରସ୍ତାବିତ ରକବା ଏ୦.୦୩୬ ଡିସିମିଲ ଓ **ସମ୍ବଲପୁର ଟାଉନ ୟୁନିଟ ନମ୍ବର ୧୫ ଅଇଁଠାପାଲି** ମୌଜାରେ ମୋଟ ପ୍ରସ୍ତାବିତ ରକବା ୦.୦୩୭ ଡିସିମିଲ ବେସରକାରୀ ଜମି ଅଧିଗ୍ରହଣ ପାଇଁ ପ୍ରକଳ୍ପ ଯନ୍ତ୍ରୀ , ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ ,ସମ୍ବଲପୁରଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା , ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନାମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

**ଅଧିସୂଚନା:-**

| କ୍ରମିକ ନମ୍ବର | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ଜମି ର ରକବା | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ସଦର | ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୫ ସାକ୍ଷିଗୋପିନାଥ | ଏ୦.୦୩୬ ଡିସିମିଲ | ୩୬୮୭୧ ତା. ୧୭.୧୦.୨୦୨୩ |
| ୨ | ସଦର | ସମ୍ବଲପୁର ଟାଉନ ୟୁନିଟ ନମ୍ବର ୧୫ ଅଇଁଠାପାଲି | ଏ ୦.୦୩୭ଡିସିମିଲ | ୩୬୮୭୧ ତା. ୧୭.୧୦.୨୦୨୩ |

ନିମ୍ନରେ ଦିଆଯାଇଥିବା ଭୂମି ଅନୁସୂଚୀ ଅଧିଗ୍ରହଣ ପାଇଁ ବରାଦି ଅଧିକାରୀଙ୍କ ଠାରୁ ଅନୁରୋଧ ହୋଇଅଛି ।

| କ୍ରମିକ ନମ୍ବର | ଖତିଆନ ନମ୍ବର | ପ୍ଲଟ ନମ୍ବର | ଜମିର କିସମ | ମୋଟ ରକବା ଏକରରେ | ପ୍ରସ୍ତାବିତ ଭୂ-ଅର୍ଜନ ରକବା ଏକରରେ | ଗ୍ରାମ |
|---|---|---|---|---|---|---|
| ୧ | ୫୫୯/୧୨୫୮ | ୧୭୬୪/୫୯୭୯ ରୁ | ଘରବାରି | ୦.୧୮୦ | ୦.୦୩୭ | ସମ୍ବଲପୁର ଟାଉନ ୟୁନିଟ ନମ୍ବର ୧୫ ଅଇଁଠାପାଲି |
| ୨ | ୫୫୯ | ୭୪୧ ରୁ | ବାହାଲ ପାଣି ଏକ ଦୋ.ଫ | ୦.୦୭୩ | ୦.୦୩୬ | ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୫ ସାକ୍ଷିଗୋପିନାଥ |

Scanned by CamScanner

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:-**

ଓଡିଶା ସରକାର ଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ. ସି. ଡି. ଏସ.) ଭୁବନେଶ୍ୱର ଙ୍କୁ ନ୍ୟସ୍ତ କରଯାଇଥିଲା । ତତ ପଶ୍ଚାତ , ନବ କୃଷ୍ଣ ଉନ୍ନୟନ କେନ୍ଦ୍ର ; KARTABYA (କର୍ତ୍ତବ୍ୟ), ଭୁବନେଶ୍ୱର, ଓଡିଶାଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର , ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା ବିବରଣୀ , ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା, ପରିବାରର ମୋଟ ଆୟ ବ୍ୟୟ, ପରିବାରର ଆସବାସ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୁଚୀରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତି କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନ (ଏସ. ଆଇ. ଏମ. ପି.) ମଧ୍ୟ ପ୍ରସ୍ତୁତି କରିଛନ୍ତି ।

**ଜନଶୁଣାଣି (ଧାରା – ୫)**

ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ - ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଏକ ଜନଶୁଣାଣି ନିମନ୍ତେ ସ୍ଥାନ , ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା । ସାମାଜିକ ପ୍ରଭାବ ଅଧ୍ୟୟନ ବିବରଣୀ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ. ସି. ଡି. ଏସ.) ଭୁବନେଶ୍ୱର ଠାରୁ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଅଧ୍ୟୟନ ବିବରଣୀ ଉପରେ ସର୍ବସାଧାରଣଙ୍କ ଠାରୁ ମତାମତ ଗ୍ରହଣ କରିବା ସକାଶେ ତା ୦୨.୦୨.୨୦୨୪ ରଖ ଦିନ ସକାଳ ୧୦.୩୦ ଘଟିକାରେ ଇସ୍କନ ମନ୍ଦିର ପ୍ରାଙ୍ଗଣରେ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁରଙ୍କ ଅଧକ୍ଷତା ରେ ଏକ ଜନଶୁଣାଣି ଆୟୋଜନ କରଯାଇଥିଲା । ଉକ୍ତ ଜନଶୁଣାଣି ରେ ଉପଜିଲ୍ଲାପାଳ , ସମ୍ବଲପୁର ; ତହସିଲଦାର, ସଦର ; ଭୂ-ଅର୍ଜନ ଅଧିକାରୀ , ସମ୍ବଲପୁର; ପ୍ରକଳ୍ପ ଯନ୍ତ୍ରି , ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ , ସମବଲପୁର ଓ ସାମାଜିକ ପ୍ରଭାବ ଅଧ୍ୟୟନ କରିଥିବା KARTABYA (କର୍ତ୍ତବ୍ୟ), ଭୁବନେଶ୍ୱରର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜନଶୁଣାଣିର ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି । ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିଥିଲେ ।

ଏହି ଜନଶୁଣାଣିରେ KARTABYA (କର୍ତ୍ତବ୍ୟ), ଭୁବନେଶ୍ୱରର କାର୍ଯ୍ୟକାରୀ ନିର୍ଦ୍ଦେଶକ ସ୍ୱାଗତ ଭାଷଣ ଦେବା ସହିତ ଏହି ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହାପରେ

Scanned by CamScanner

ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ -୨, ସମ୍ବଲପୁର ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନ କରିଥିଲେ ।

**ପ୍ରଶାସନ ଧାରା -୬**

ଉପରୋକ୍ତ ମୌଜା ରେ ଅନୁଷ୍ଠିତ ଜନ ଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀ କୁ ଆଇନର ଧାରା -୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

ଆଇନର ଧାରା -୭ ଉପଧାରା -୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ ।

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ବଚ୍ଛତା , ଥଇଥାନ , ପୁନର୍ବାସ ଆଇନ -୨୦୧୩ ଧାରା -୭ ଉପଧାରା -୧ ଅନୁସାରେ ଗଠିତ ହୋଇଥିବା " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ " ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶିତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟ କୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣେଇବାର ବ୍ୟବସ୍ଥା ରହିଅଛି ।ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କୁ ଜିଲ୍ଲାପାଳ , ସମ୍ବଲପୁର ଅଧିସୂଚନା ନମ୍ବର ୧୨୫ ତା ୧୫.୦୩.୨୦୨୪ ମତେ ଚୁଡାନ୍ତ କରିଛନ୍ତି । ଉକ୍ତ ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ଶ୍ରୀ ଶଙ୍କର ପ୍ରସାଦ ସାହୁ , ପ୍ରତିନିଧି, ସମ୍ବଲପୁର ମହାନଗର ନିଗମ

୨. ଶ୍ରୀ ଅଶୋକ ମିଶ୍ର , ପ୍ରତିନିଧି, ସମ୍ବଲପୁର ମହାନଗର ନିଗମ

୩. ଶ୍ରୀ ରାମ ଚନ୍ଦ୍ର କର, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୪. ଶ୍ରୀ ନରେନ୍ଦ୍ର କୁମାର ସଡଙ୍ଗି, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୫. ପ୍ରମିଳା ବେହେରା , ସାମାଜିକ ବିଶେଷଜ୍ଞ

୬. ଡ. ମୁରଲୀଧର ମାଝୀ , ସାମାଜିକ ବିଶେଷଜ୍ଞ

୭. ଶ୍ରୀ ଶଶିକାନ୍ତ ଜେନା , ପ୍ରକଳ୍ପ ବିଶେଷଜ୍ଞ

Scanned by CamScanner

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ଯରୁ ଶ୍ରୀ ଶଙ୍କର ପ୍ରସାଦ ସାହୁ , ପ୍ରତିନିଧି, ସମ୍ବଲପୁର ମହାନଗର ନିଗମ ଙ୍କୁ ଅଧକ୍ଷ ରୂପେ ଜିଲ୍ଲାପାଳ ସମ୍ବଲପୁର ମନୋନୟନ କରିଛନ୍ତି ।

**<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ</u>**

ଆଇନ ର ଧାରା-୭ ଉପଧାରା -୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିସ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ " ଙ୍କ ଏକ ବୈଠକ ଆହ୍ୱାନ କରଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା ୧୮.୦୪.୨୦୨୩ ରିଖ ସକାଳ ୧୧.୦୦ ଘଟିକାରେ ଡେପୁଟି କମିଶନର , ମହାନଗର ନିଗମ , ସମ୍ବଲପୁରଙ୍କର କାର୍ଯ୍ୟାଳୟ କକ୍ଷରେ ଅନୁଷ୍ଠିତ କରଯାଇଥିଲା ।

**<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ</u>**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

**ସମ୍ବଲପୁର ଜିଲ୍ଲାର ସଦର ତହସିଲ ଅନ୍ତର୍ଗତ ସମ୍ବଲପୁର ଟାଉନ ୟୁନିଟ ନମ୍ବର ୦୫ ସାକ୍ଷିଗୋପିନାଥ ଓ ସମ୍ବଲପୁର ଟାଉନ ୟୁନିଟ ନମ୍ବର ୧୫ ଅଇଁଠାପାଲି ମୌଜାରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ** ପାଇଁ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବ କୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ସଭାରେ ରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ପାଇଁ ନିମ୍ନ ମତେ ଆଲୋଚନା କରଯାଇଥିଲା ।

ସଭାର ଆରମ୍ଭରେ KARTABYA (କର୍ତ୍ତବ୍ୟ ), ଭୁବନେଶ୍ୱରର କାର୍ଯ୍ୟକାରୀ ନିର୍ଦ୍ଦେଶକ , ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଗବେଷଣା ଉପରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ।

ସେ ଦର୍ଶାଇଥିଲେ ଯେ, ଏହି ଅଧ୍ୟୟନ ଟି ଘରକୁ ଘର ଯାଇ ( ସେନସସ ସର୍ଭେ ମାଧ୍ୟମରେ ) ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପ୍ରତିଟି ପରିବାରଙ୍କୁ ଏବଂ ନମୁନା ସର୍ବେକ୍ଷଣ ମାଧ୍ୟମରେ କିଛି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ଯୋଗାଯୋଗକରି ତଥ୍ୟ ସଂଗ୍ରହ କରଯାଇଥିଲା ।ଉକ୍ତ ଅଧ୍ୟୟନ ପ୍ରକ୍ରିୟାରେ ୫ଟି ପ୍ରତ୍ୟକ୍ଷ ପ୍ରଭାବିତ ପରିବାର ଓ ୨୦ ଟି ପରୋକ୍ଷ ପ୍ରଭାବିତ ପରିବାରଙ୍କୁ ସର୍ବେକ୍ଷଣ କରାଯାଇଥିଲା। ଗବେଷଣା ସମୟରେ ସମସ୍ତ

Scanned by CamScanner

ପରିବାର ପ୍ରକଳ୍ପ କୁ ସ୍ୱାଗତ କରିଥିଲେ ଏବଂ ସମସ୍ତେ ନିଜ ନିଜର ଜମିକୁ ସରକାରଙ୍କୁ ଦେବାକୁ ରାଜି ଅଛନ୍ତି କିନ୍ତୁ କ୍ଷତିପୂରଣ ରାଶି ଯଥା ଶୀଘ୍ର ସେମାନଙ୍କୁ ପଇଠ କରିବାପାଇଁ ଅନୁରୋଧ କରିଥିଲେ ।

୧ ) **ଶ୍ରୀ ରାମଚନ୍ଦ୍ର କର**, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ : ସରକାରଙ୍କ ଯାହାସବୁ ସୁବିଧା ଦିଆଯାଇଛି ସେଥିରେ ସେମାନେ ସନ୍ତୁଷ୍ଟ ହୋଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମିକୁ ବ୍ୟବହାର କରି ଏହି ପ୍ରକଳ୍ପକୁ ଯଥା ଶୀଘ୍ର ଆଗେଇ ନେବାପାଇଁ ମତପ୍ରକାଶ କଲେ । ଏହି ପ୍ରକଳ୍ପରେ କୌଣସି ପରିବାର ବିସ୍ଥାପିତ ହେଉନଥିବାରୁ ପ୍ରଜାମାନେ ଅଧିଗ୍ରହଣ ସମୟରେ ବିଶେଷ ଅସୁବିଧା ପାଇବେ ନାହିଁ ।

୨) **ଶ୍ରୀ ନରେନ୍ଦ୍ର ଷଡଙ୍ଗୀ**, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ: ଉକ୍ତ ପ୍ରକଳ୍ପଟି ନିଶ୍ଚିତ ଭାବରେ ସମ୍ବଲପୁର ସହରାଞ୍ଚଳ ବାସୀଙ୍କୁ ଏକ ଉନ୍ନତମାନର ଜୀବନ ଏବଂ ଏକ ଉତ୍ତମ ପରିବେଶ ପ୍ରଦାନ କରିବ। ଏଣୁ , ଏହି ପ୍ରସ୍ତାବିତ ପ୍ରକଳ୍ପଟି ନିଃସନ୍ଦେହରେ ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।

୩) **ପ୍ରମିଳା ବେହେରା** , ସାମାଜିକ ବିଶେଷଜ୍ଞ ମତାପ୍ରକାଶ କଲେ ଯେ, ଏହି ପ୍ରକଳ୍ପଟି ଲୋକମାନଙ୍କର ଜୀବନଧାରଣ ପ୍ରଣାଳୀର ଉନ୍ନତି , ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ତଥା ମହାନଦୀ ରେ ପ୍ରଦୂଷଣ ହ୍ରାସ କରିବାପାଇଁ ଏକ ସ୍ୱାଗତଯୋଗ୍ୟ ପ୍ରକଳ୍ପ ।

**୪ ) ଡ. ମୁରଲୀଧର ମାଝୀ , ସାମାଜିକ ବିଶେଷଜ୍ଞ ;**ମୌଜା ସମ୍ବଲପୁର ଟାଉନ ୟୁନିଟ୦୫ ସାକ୍ଷୀଗୋପୀନାଥ ରେ ପ୍ରଭାବିତ ହେଉଥିବା ଜମି ର କିସମ ବାହାଲପାଣି ଏକ ଦୋଫାସିଲି ।ଅର୍ଥାତ ଉକ୍ତ ଜମି ରେ ବର୍ଷକୁ ଦୁଇଥର ଚାଷ ହେଉଥିବ କିନ୍ତୁ ସହରିକରଣ ପାଇଁ ବର୍ତ୍ତମାନ ଚାଷ କାମ ହେଉନାହିଁ ।ଏଣୁ କ୍ଷତିପୂରଣ ରାଶି ଜମିର କିସମ ହିସାବରେ ପ୍ରଜାମାନଙ୍କୁ ପ୍ରଦାନ କରାଯିବା ଉଚିତ। ଉକ୍ତ ଜମି ର ପ୍ରଜାମାନେ ଅନୁସୂଚିତ ଜନଜାତି ଅଟନ୍ତି । ସାମାଜିକ ଅଧୟନ ଗବେଷଣା ରୁ ଜଣା ପଡେ ଯେ, ଉକ୍ତ ପରିବାର ର କୌଣସି ବ୍ୟକ୍ତି ସରକାରୀ କିମ୍ବା ବେସରକାରୀ ଚାକିରି କରୁନାହାନ୍ତି ।ତେଣୁ ସେମାନଙ୍କର ଆର୍ଥିକ ଅବସ୍ଥା ସ୍ବଚ୍ଛଳ ନଥିବ । ଏଣୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ।

**୫) ଶ୍ରୀ ଶଶିକାନ୍ତ ଜେନା , ପ୍ରକଳ୍ପ ବିଶେଷଜ୍ଞ**:- ସହରର ଜନସଂଖ୍ୟା ସାନ୍ଦ୍ରତା ଏବଂ ହାରାହାରି ଡ୍ରେନ ଜଳର ପ୍ରଭାବକୁ ହିସାବ କରି ଏହି ପ୍ରକଳ୍ପ ଅଞ୍ଚଳ ଚୁଡାନ୍ତ ହୋଇଛି । ସମସ୍ତ ମଡେଲକୁ ଅନେକ ଥର ଯାଞ୍ଚ କରିବାପରେ ବୈଷୟିକ ଦଳ ସ୍ୱେରେଜ ନେଟୱର୍କର ଏକ ଉତ୍କୃଷ୍ଟ ଡିଜାଇନ ଚୟନ କରିଛନ୍ତି ଯାହା ଡିଜାଇନ ମାନଦଣ୍ଡକୁ ବୈଷୟିକ ଭାବରେ ପୂରଣ କରେ ।ତେଣୁ, ସ୍ୱେରେଜ ଲାଇନ ନିର୍ମାଣ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ବାବଦରେ, ଡିଜାଇନ ଏବଂ ପ୍ରୋଜେକ୍ଟ ଅଞ୍ଚଳ ଇତ୍ୟାଦି ସମ୍ବନ୍ଧରେ ଅନ୍ୟ ବିକଳ୍ପ ଗୁଡିକର ଅନୁସନ୍ଧାନର କୌଣସି ଆବଶ୍ୟକତା ନାହିଁ ।

Scanned by CamScanner

ଅଧକ୍ଷ-ତଥା- ପ୍ରତିନିଧି ସମ୍ବଲପୁର ମହାନଗର ନିଗମ , ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ, ସମ୍ବଲପୁର, ଶ୍ରୀ ଶଙ୍କର ପ୍ରସାଦ ସାହୁ ମତବ୍ୟକ୍ତ କଲେ ଯେ, ସାମାଜିକ ଅଧ୍ୟୟନ ଗବେଷଣା ରୁ ସ୍ପଷ୍ଟ ଭାବରେ ଜଣାପଡେ ଯେ, ମୌଜା ସମ୍ବଲପୁର ଟାଉନ ୟୁନିଟ୦୫ ସାକ୍ଷୀଗୋପୀନାଥ ର ପ୍ରଜାମାନଙ୍କର କୌଣସି କୋଠା ବା ଛାତ ଘର ନାହିଁ। ଏଣୁ ଏହି ଗରିବ ପ୍ରଜାମାନଙ୍କୁ କିପରି PMAY ଘର ସହାୟତା ମିଳିନାହିଁ ବୋଲି ଚିନ୍ତା ପ୍ରକଟ କଲେ। ଉକ୍ତ ପ୍ରକଳ୍ପ ଟି ନିଶ୍ଚୟ ଭାବରେ ପ୍ରଜାମାନଙ୍କର ଜୀବନ ଶୈଳୀ କୁ ପ୍ରଭାବ ପକାଇବ । କିନ୍ତୁ , ଏହା ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ। ଅର୍ଥାତ ଏହା ସମଗ୍ର ସମ୍ବଲପୁର ସହରାଞ୍ଚଳ ପାଇଁ ଆଶୀର୍ବାଦ ଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେଲାପରେ ପ୍ରତୀୟମାନ ହେବ ।

ପରିଶେଷରେ ରସ୍ମା ଭୋଇ, ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର ପ୍ରାଞ୍ଜଳ ଭାବରେ ଭୂ-ଅର୍ଜନ ଆଇନ ଓ ପ୍ରଜାମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ଉପସ୍ଥାପନ କରିଥିଲେ । ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।ଏହା ସହିତ ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ହେବ ବୋଲି ମଧ ସମସ୍ତେ ମତବ୍ୟକ୍ତ କରିଛନ୍ତି ।

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ବୈଠକ ରେ ହୋଇଥିବା ଆଲୋଚନା ନିମ୍ନ ମତେ ଦିଆଗଲା :-

୧. ପ୍ରସ୍ତାବିତ ଅଧିଗ୍ରହଣ ନିମନ୍ତେ ଏକ ବୈଧ ଏବଂ ଉପଯୁକ୍ତ ସର୍ବ ସାଧାରଣ ଉଦ୍ଦେଶ୍ୟ ଅଛି ଯାହା ଚିହ୍ନଟ ଜମିର ଆବଶ୍ୟକ କରୁଛି ବୋଲି ସମସ୍ତ ସଦଶ୍ୟ ହୃଦବୋଧ କଲେ ।

୨.ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଜମିର ସର୍ବନିମ୍ନ ଅଞ୍ଚଳ ହିଁ , ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବିତ ହୋଇଛି ।

୩. କୌଣସି ଅଣ ବ୍ୟବହୃତ ଜମି ନାହିଁ ଯାହା ଉକ୍ତ ଅଞ୍ଚଳରେ ପୂର୍ବରୁ ଅଧିଗ୍ରହଣ ହୋଇଅଛି ।

୪. ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି କୁ ନୂତନ ଭୂ-ଅର୍ଜନ ଆଇନ -୨୦୧୩ ହିସାବରେ ଆକଳନ କରି ପ୍ରଜା ମାନଙ୍କୁ ଦିଆଯିବ ।

୫. ଉକ୍ତ ପ୍ରକଳ୍ପ ଟି ନିଃସନ୍ଦେହରେ ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।

୬.ଉକ୍ତ ପ୍ରକଳ୍ପ ପାଇଁ ଏହାର ଡିଜାଇନ ଏବଂ ଚୟନ ସମ୍ବନ୍ଧରେ ଅନ୍ୟ କୌଣସି ବିକଳ୍ପ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ ।

Scanned by CamScanner

ପରିଶେଷ ରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳଭାବେ ଅନୁଧାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।ଏହାସହିତ ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟ କ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ଅଧିକ ହେବବୋଲି ମଧ ସମସ୍ତେ ମତ ବ୍ୟକ୍ତ କରିଛନ୍ତି ।

ସଭାଶେଷରେ ସାମାଜିକ ପ୍ରଭାବ ଅଧୟନ କରିଥିବା KARTABYA ( କର୍ତ୍ତବ୍ୟ), ଭୁବନେଶ୍ୱର ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା , ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

18.04.24

ପ୍ରକଳ୍ପ ବିଶେଷଜ୍ଞ

ସାମାଜିକ ବିଶେଷ

Pramoda Behera

ସାମାଜିକ ବିଶେଷଜ୍ଞ

Ramachandra Kar

ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

Narendra Ku. Sarangi

ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

ପ୍ରତିନିଧି ସମ୍ବଲପୁର ମହାନଗର ନିଗମ

ଅଧକ୍ଷ-ତଥା- ପ୍ରତିନିଧି ସମ୍ବଲପୁର ମହାନଗର ନିଗମ
" ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ସମ୍ବଲପୁର

Scanned by CamScanner